# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

### 5 October – 2026

**********************************

## ମୁଖ୍ୟ ସମ୍ବାଦ

- ନବୀକରଣ ପରେ ଭୁବନେଶ୍ୱରସ୍ଥିତ କଳିଙ୍ଗ ଷ୍ଟୁଡିଓର ଆଜି ଉଦ୍‌ଘାଟନ କରିବେ ମୁଖ୍ୟମନ୍ତ୍ରୀ
- ରାଜ୍ୟର ସମସ୍ତ କଲେଜ ଓ ବିଶ୍ୱବିଦ୍ୟାଳୟରେ ଆସନ୍ତା ୧୫ ତାରିଖରେ ଅନୁଷ୍ଠିତ ହେବ ଛାତ୍ର ସଂସଦ ନିର୍ବାଚନ

– ଯୁବ ନେତୃତ୍ୱକୁ ଆଗକୁ ନେବା ଲକ୍ଷ୍ୟରେ ସରକାର ଏହି ନିଷ୍ପତ୍ତି ଗ୍ରହଣ କରିଛନ୍ତି; କହିଲେ ଉଚ୍ଚଶିକ୍ଷା ମନ୍ତ୍ରୀ

- ରକ୍ତଶିକୁଳି ରୋଗୀଙ୍କ ପାଇଁ ଅନୁଗୁଳ ଜିଲ୍ଲାରୁ ରାଜ୍ୟର ପ୍ରଥମ ନିଃଶୁଳ୍କ ଟୀକାକରଣ ଅଭିଯାନର ଶୁଭାରମ୍ଭ କଲେ ସ୍ୱାସ୍ଥ୍ୟମନ୍ତ୍ରୀ
- ସହିଦ ବାଜିରାଉତଙ୍କ ଜୟନ୍ତୀ ଅବସରରେ ରାଜ୍ୟବାସୀ ଦେଲେ ଶ୍ରଦ୍ଧାଞ୍ଜଳି

ଏବଂ

- ଶିକ୍ଷକଙ୍କ ସହିତ ସହଯୋଗ: ୬୦ ବର୍ଷର ବୃତ୍ତିଗତ ଜୀବନର ସୁରକ୍ଷା– ଆମ ଭବିଷ୍ୟତ ଗଠନର ବାର୍ତ୍ତା ନେଇ ଆଜି ପାଳନ କରାଯାଉଛି ବିଶ୍ୱ ଶିକ୍ଷକ ଦିବସ

Desk

## କଳିଙ୍ଗ ଷ୍ଟୁଡିଓ ନବୀକରଣ - ଉଦ୍‌ଘାଟନ

ଭୁବନେଶ୍ୱରସ୍ଥିତ କଳିଙ୍ଗ ଷ୍ଟୁଡିଓର ନବୀକରଣ ପରେ  ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ଏହାର ଉଦ୍‌ଘାଟନ କରିବେ । ୧୬୪ କୋଟି ଟଙ୍କା ବ୍ୟୟରେ ଷ୍ଟୁଡିଓର ନବୀକରଣ କରାଯାଇଛି । ଏହାଦ୍ୱାରା ରାଜ୍ୟରେ ଚଳଚ୍ଚିତ୍ର ନିର୍ମାଣକୁ ପ୍ରୋତ୍ସାହନ ମିଳିବା ସହ ରାଜ୍ୟ ବାହାରର ନିର୍ମାତାମାନେ ମଧ୍ୟ ଏଥିପ୍ରତି ଆକୃଷ୍ଟ ହେବେ । ଅପରାହ୍ନରେ ଅନୁଷ୍ଠିତ ହେବାକୁ ଥିବା ଏହି କାର୍ଯ୍ୟକ୍ରମରେ ସାଂସଦ ଅପରାଜିତା ଷଡ଼ଙ୍ଗୀ ଓ ଶିଳ୍ପମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ପ୍ରମୁଖ ଯୋଗଦେବାର କାର୍ଯ୍ୟସୂଚୀ ରହିଛି ।

Desk

## ଛାତ୍ର ନିର୍ବାଚନ

ରାଜ୍ୟର ସମସ୍ତ କଲେଜ ଓ ବିଶ୍ୱବିଦ୍ୟାଳୟରେ ଚଳିତ ବର୍ଷ ଛାତ୍ର ସଂସଦ ନିର୍ବାଚନ କରାଯିବା ନେଇ ନିଷ୍ପତ୍ତି  ହୋଇଛି ବୋଲି ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ କହିଛନ୍ତି। ଭୁବନେଶ୍ୱରସ୍ଥିତ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟରେ ବୈଠକ ପରେ ଗଣମାଧ୍ୟମକୁ ସୂଚନା ଦେଇ ଶ୍ରୀ ସୂରଜ କହିଛନ୍ତି, ଆସନ୍ତା ୧୫ ତାରିଖରେ ଛାତ୍ର ସଂସଦ ନିର୍ବାଚନ ଅନୁଷ୍ଠିତ

ହେବ। କଲେଜ ପକ୍ଷରୁ ଆସନ୍ତା ବୁଧବାର ଦିନ ବିଧିବଦ୍ଧ ବିଜ୍ଞପ୍ତି ପ୍ରକାଶ ପାଇବ। ଶୁକ୍ରବାର ଦିନ ନାମାଙ୍କନପତ୍ର ଦାଖଲ, ୧୦ ତାରିଖରେ ପ୍ରତ୍ୟାହାର, ୧୪ରେ 'ହ୍ୱାଏ ଆଇ ଷ୍ଟାଣ୍ଡ' ମିଟିଂ, ୧୫ ତାରିଖରେ କ୍ୟାମ୍ପସ ଭୋଟ ଓ ୧୬ରେ ଶପଥ ଗ୍ରହଣ ଉତ୍ସବ ଅନୁଷ୍ଠିତ ହେବ। ନିର୍ବାଚନୀ ଇସ୍ତାହାରରେ କଲେଜ ନିର୍ବାଚନ କରିବାକୁ ସରକାର ପ୍ରତିଶ୍ରୁତି ଦେଇଥିଲେ। ଯୁବ ନେତୃତ୍ୱକୁ ଆଗକୁ ନେବା ଲକ୍ଷ୍ୟ ନେଇ ସରକାର ଏହି ନିଷ୍ପତ୍ତି ଗ୍ରହଣ କରିଛନ୍ତି ବୋଲି ମନ୍ତ୍ରୀ ଶ୍ରୀ ସୂରଜ କହିଛନ୍ତି।

**- V/O -**

ସେଲ୍ଫ ଫାଇନାନସିଂ କୋର୍ସର ଛାତ୍ରଛାତ୍ରୀମାନେ ନିର୍ବାଚନରେ ଭାଗ ନେଇପାରିବେ ନାହିଁ ବୋଲି ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ବିଜ୍ଞପ୍ତିରେ ସ୍ପଷ୍ଟ କରାଯାଇଛି।

Anugul

## ସିକିଲ୍ ସେଲ୍–ଟୀକାକରଣ

ରାଜ୍ୟରେ ପ୍ରଥମଥର ପାଇଁ ଅନୁଗୁଳ ଜିଲ୍ଲାରୁ ରକ୍ତ ଶିକୁଳି ଆକ୍ରାନ୍ତଙ୍କ ନିମନ୍ତେ ସମ୍ପୂର୍ଣ୍ଣ ମାଗଣା ଟୀକାକରଣ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ସ୍ୱାସ୍ଥ୍ୟମନ୍ତ୍ରୀ ଡକ୍ଟର ମୁକେଶ ମହାଲିଙ୍ଗ ଜାତୀୟ ରକ୍ତିଶିକୁଳି ରକ୍ତହୀନତା ନିରାକରଣ କାର୍ଯ୍ୟକ୍ରମ ଏବଂ ରକ୍ତହୀନତା ମୁକ୍ତ ଭାରତର ସ୍ୱତନ୍ତ୍ର ଅଭିଯାନକୁ ଆଜି ଶୁଭାରମ୍ଭ କରିଛନ୍ତି। ଟୀକାକରଣ କାର୍ଯ୍ୟ ପାଇଁ ଅନୁଗୁଳ ଜିଲ୍ଲା ଖଣିଜ ପ୍ରତିଷ୍ଠାନ ପାଣ୍ଠି– ଡି.ଏମ୍.ଏଫ୍.ରୁ ଆଗାମୀ ଦୁଇ ବର୍ଷ ଲାଗି

୨ କୋଟି ୮୦ ଲକ୍ଷ ଟଙ୍କା ବ୍ୟୟବରାଦ କରାଯାଇଛି। ଜିଲ୍ଲାରେ ୨ ଲକ୍ଷ ଲୋକଙ୍କ ସ୍କ୍ରିନିଂ ପରେ ୧ ହଜାର ୭୮୫ ଜଣ ରକ୍ତହୀନତା ରୋଗୀଙ୍କୁ ଚିହ୍ନଟ କରାଯାଇଛି। ଚିହ୍ନଟ ହୋଇଥିବା ୬ରୁ ୪୦ ବର୍ଷ ବୟସର ସମସ୍ତ ରୋଗୀଙ୍କୁ ୨ଟି ଡୋଜ୍ ଟୀକା ସମ୍ପୂର୍ଣ୍ଣ ମାଗଣାରେ ପ୍ରଦାନ କରାଯିବ।

Desk

## ସ୍ୱରାଷ୍ଟ୍ର ଓ ପ୍ରତିରକ୍ଷା ମନ୍ତ୍ରୀ ଓଡ଼ିଶା ଗସ୍ତ

ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହ ଓ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ଆସନ୍ତାକାଲି ଦିନିକିଆ ଓଡ଼ିଶା ଗସ୍ତରେ ଆସୁଛନ୍ତି। ଏହି ଅବସରରେ ଉଭୟ କୋରାପୁଟ ଜିଲ୍ଲା ସୁନାବେଢ଼ାସ୍ଥିତ ହିନ୍ଦୁସ୍ତାନ ଏରୋନଟିକ୍ସ ଲିମିଟେ୍ଡ– ହାଲ୍' ପରିଦର୍ଶନ କରିବା ସହ ବିଭିନ୍ନ କାର୍ଯ୍ୟର ସମୀକ୍ଷା କରିବେ ବୋଲି ଜଣାପଡ଼ିଛି।  ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମଧ୍ୟ ଉପସ୍ଥିତ ରହିବେ। କେନ୍ଦ୍ରମନ୍ତ୍ରୀଙ୍କ ଗସ୍ତକୁ ଦୃଷ୍ଟିରେ ରଖି କୋରାପୁଟ ଜିଲ୍ଲାରେ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଛି।

Desk

## ଧର୍ମେନ୍ଦ୍ର– ସେବା ସଂକଳ୍ପ

ସେବା ସଂକଳ୍ପ ଅଭିଯାନ ଅଧୀନରେ ଆସନ୍ତା ୧୦ ତାରିଖ ସକାଳେ ସମ୍ବଲପୁର ଜିଲ୍ଲାବ୍ୟାପୀ ଆୟୋଜିତ ହେବାକୁ ଥିବା ସ୍ୱଚ୍ଛତା ଅଭିଯାନରେ ଜିଲ୍ଲାର ପ୍ରତ୍ୟେକ ନାଗରିକ ସାମିଲ ହେବା ପାଇଁ ସମ୍ବଲପୁର ସାଂସଦ ଧର୍ମେନ୍ଦ୍ର ପ୍ରଧାନ ନିବେଦନ କରିଛନ୍ତି। ଏକ ଭିଡିଓ ବାର୍ତ୍ତା ମାଧ୍ୟମରେ

ଲକ୍ଷ୍ମୀପୁରାଣର ଦୃଷ୍ଟାନ୍ତ ଦେଇ ଶ୍ରୀ ପ୍ରଧାନ କହିଛନ୍ତି, ଯେଉଁଠି ସ୍ୱଚ୍ଛତା ଥାଏ ସେଇଠି ମା' ଲକ୍ଷ୍ମୀ ବାସ କରନ୍ତି। ପୂଜ୍ୟ ମହାତ୍ମା ଗାନ୍ଧୀ' ସ୍ୱଚ୍ଛତାକୁ କେବଳ ବ୍ୟକ୍ତିଗତ ଅଭ୍ୟାସ ନୁହେଁ ବରଂ ସୁସ୍ଥ ସମାଜ ଓ ଉତ୍ତମ ଜୀବନର ମୂଳ ଆଧାରଭାବେ ଦେଖୁଥିଲେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସ୍ୱଚ୍ଛତା ହିଁ ସେବା ବୋଲି ସବୁବେଳେ କହି ଆସୁଥିବା ଶ୍ରୀ ପ୍ରଧାନ କହିଛନ୍ତି।

Desk

# ବାଜି ରାଉତ ଜୟନ୍ତୀ

ଶହୀଦ ବାଜି ରାଉତଙ୍କ ଜୟନ୍ତୀ ଅବସରରେ ଆଜି ରାଜ୍ୟବାସୀ ତାଙ୍କ ଅମ୍ଳାନ ସ୍ମୃତି ପ୍ରତି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରୁଛନ୍ତି । ଓଡ଼ିଶା ବିଧାନସଭାରେ ଦେଶର କନିଷ୍ଠତମ ସହିଦ ବାଜିରାଉତଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ବାଚସ୍ପତି ସୁରମା ପାଢ଼ି, ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ପ୍ରମୁଖ ଯୋଗଦେଇ ତାଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପ ମାଲ୍ୟାର୍ପଣ କରି ଗଭୀର ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଛନ୍ତି।

ମାତ୍ର ୧୨ ବର୍ଷ ବୟସରେ ବ୍ରିଟିଶ ଶାସକଙ୍କ ଅତ୍ୟାଚାର ଓ ଗୁଳିକୁ ନ ଡରି ମାତୃଭୂମିର ସ୍ୱାଧୀନତା ପାଇଁ ସର୍ବୋଚ୍ଚ ବଳିଦାନ ଦେଇଥିବା ଏହି ବୀରସନ୍ତାନଙ୍କ ଅଦମ୍ୟ ସାହସ, ନିର୍ଭୀକତା ଓ ଦେଶପ୍ରେମ ସମସ୍ତଙ୍କ ପାଇଁ ଚିର ପ୍ରେରଣାର ଉତ୍ସ। ତାଙ୍କର ଅମର ବଳିଦାନ ଆଗାମୀ ପିଢ଼ିକୁ ସର୍ବଦା

ଦେଶ ସେବା ପାଇଁ ଉତ୍ସାହିତ କରୁଥିବ ବୋଲି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍ତି ।

**- V/O -**

ଏହି ଅବସରରେ ଢେଙ୍କାନାଳ ଜିଲ୍ଲାସ୍ଥିତ ନୀଳକଣ୍ଠପୁର ଶହୀଦ ବାଜିରାଉତଙ୍କ ଜନ୍ମସ୍ଥଳୀ ସମେତ ରାଜ୍ୟର ବିଭିନ୍ନ ସ୍ଥାନରେ କାର୍ଯ୍ୟକ୍ରମମାନ ଆୟୋଜନ କରାଯାଉଛି ।

ଭାରତ ଇତିହାସରେ ସର୍ବକନିଷ୍ଠ ସହିଦ ସ୍ୱାଧୀନତା ସଂଗ୍ରାମୀ ଭାବେ ମାନ୍ୟତା ପାଇଥିବା ସହିଦ ବାଜିରାଉତ ୧୯୨୬ ମସିହା ଅକ୍ଟୋବର ୫ ତାରିଖରେ ଜନ୍ମଗ୍ରହଣ କରିଥିଲେ । ବାଜିରାଉତ ମାତ୍ର ୧୨ ବର୍ଷ ବୟସରେ ଇଂରେଜମାନଙ୍କ ବିରୁଦ୍ଧରେ ଲଢ଼ି ଦେଶ ମାତୃକା ପାଇଁ ବଳିଦାନ ଦେଇଥିଲେ ।

Malkangiri

## ସେବା ସଂକଳ୍ପ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସାର୍ବଜନୀନ ଜୀବନରେ ୨୫ ବର୍ଷ ପୂରଣ କରିଛନ୍ତି । 'ଜନସେବାରୁ ଦେଶସେବା' ମନ୍ତ୍ରକୁ ଆଧାର କରି ତାଙ୍କର ଏହି ଜୟଯାତ୍ରା ଜାରି ରହିଛି । 'ସେବା ଓ ସୁଶାସନ'ର ଏହି ଦୃଷ୍ଟିକୋଣକୁ ନେଇ ୨୦୪୭ ସୁଦ୍ଧା ବିକଶିତ ଭାରତ ଗଠନର ଲକ୍ଷ୍ୟ ହାସଲ ଦିଗରେ ସରକାର ନିରନ୍ତର କାର୍ଯ୍ୟ କରୁଛନ୍ତି । ସମାବେଶୀ ବିକାଶ ଓ ସାମାଜିକ ସଶକ୍ତିକରଣ ମାଧ୍ୟମରେ ଏହି ପ୍ରୟାସ ଜନଜୀବନରେ

ପରିବର୍ତ୍ତନ ଆଣିଛି। ସେବାସଂକଳ୍ପର ଆଜିର ଧାରାବାହିକରେ ଶୁଣନ୍ତୁ **"ମିଶନ ଲାଇଫ"** ସମ୍ପର୍କରେ...

ପରିବେଶ ସୁରକ୍ଷା କେବଳ ସରକାରଙ୍କ ଦାୟିତ୍ୱ ନୁହେଁ, ପ୍ରତ୍ୟେକ ମଣିଷର ଦୈନନ୍ଦୀନ ଜୀବନଶୈଳୀ ଏଥିରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ। ପରିବେଶ ସୁରକ୍ଷା ପାଇଁ ସଚେତନ ହେବା ଓ ପରିବେଶ ଅନୁକୂଳ ବ୍ୟବହାରକୁ ଲୋକଙ୍କ ଜୀବନର ଅଂଶଭାବେ ସଚେତନ କରିବା ମଶନ ଲାଇଫର ମୁଖ୍ୟ ଉଦ୍ଦେଶ୍ୟ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏହାକୁ ଏକ ଜନଆନ୍ଦୋଳନରେ ପରିଣତ କରାଇବାକୁ ବିଶ୍ୱରେ ବାର୍ତ୍ତା ରଖିଛନ୍ତି। ଏଥିରେ ମୋଟ ୭ଟି ପ୍ରମୁଖ କ୍ଷେତ୍ର ଉପରେ ଗୁରୁତ୍ୱ ଦିଆଯାଇଛି। ଶକ୍ତି ସଂଚୟ, ଜଳ ସଂରକ୍ଷଣ, ଏକକ ପ୍ଲାଷ୍ଟିକର ବ୍ୟବହାର, ବର୍ଜ୍ୟବସ୍ତୁ ହ୍ରାସ, ସ୍ଥାୟୀ ଓ ପରିବେଶ ଅନୁକୂଳ ଖାଦ୍ୟ ପ୍ରଣାଳୀ, ବର୍ଜ୍ୟର ପୁର୍ନବ୍ୟବହାର ଏବଂ ସୁସ୍ଥ ଜୀବନଶୈଳୀ। ମିଶନ ଅଧୀନରେ ଦୈନନ୍ଦୀନ ଜୀବନରେ ଛୋଟ ଛୋଟ ପରିବର୍ତ୍ତନକୁ ଗୁରୁତ୍ୱ ଦିଆଯାଉଛି। ଯେପରିକି ଆବଶ୍ୟକ ନ ଥିବା ସ୍ଥଳେ ବିଦ୍ୟୁତ ଉପକରଣକୁ ବନ୍ଦ ରଖିବା, ଏଲ.ଇ.ଡି ବ୍ୟବହାର, ସାର୍ବଜନୀନ ପରିବହନ କିମ୍ବା ସାଇକେଲ ଚଳାଇବା, ବର୍ଷା ଜଳ ସଂଣକ୍ଷଣ, ପାଣି ଅପଚୟ ରୋକିବା, କପଡ଼ା କିମ୍ବା କାଗଜ ବ୍ୟାଗ ବ୍ୟବହାର, ଓଦା ଓ ଶୁଖିଲା ବର୍ଜ୍ୟକୁ ପୃଥକ କରିବା, ଇ-ବର୍ଜ୍ୟର ପୁନଃଚକ୍ରଣ  ଓ ଚାରାରୋପଣ ଭଳି ପଦକ୍ଷେପ ନିଆଯାଉଛି। ମିଶନ

ଅଧୀନରେ ମାଲକାନଗିରି ଜିଲ୍ଲାର ବନବିଭାଗ ସହ ବିଭିନ୍ନ ବିଭାଗର ସହଯୋଗରେ ପଦକ୍ଷେପ ଗ୍ରହଣ କରାଯାଉଛି। ଜିଲ୍ଲା ବନଖଣ୍ଡ ଅଧିକାରୀ ସାଇକିରଣ ଡି.ଏନ୍. ଆକାଶବାଣୀକୁ ମିଶନ ସମ୍ପର୍କରେ କହିଛନ୍ତି...

**- V/O -**

ମାଲକାନଗିରିରୁ ସମ୍ବାଦଦାତା ଦୁର୍ଗାପ୍ରସାଦ ପଟ୍ଟନାୟକଙ୍କ ରିପୋର୍ଟ ସହ ଆକାଶବାଣୀ ସମ୍ବାଦ ବିଭାଗ ପକ୍ଷରୁ ମୁଁ ସ୍ମୃତିରେଖା ତାରେଣିଆ

Desk

# ବିଶ୍ୱ ଶିକ୍ଷକ ଦିବସ

ସମାଜ ପ୍ରତି ଶିକ୍ଷକମାନଙ୍କ ଗୁରୁତ୍ୱପୂର୍ଣ୍ଣ ଅବଦାନକୁ ମନେପକାଇ ଆଜି ବିଶ୍ୱ ଶିକ୍ଷକ ଦିବସ ପାଳନ କରାଯାଉଛି । ୧୯୯୪ ମସିହାରୁ ଅକ୍ଟୋବର ୫ ତାରିଖକୁ ପ୍ରତିବର୍ଷ ବିଶ୍ୱ ଶିକ୍ଷକ ଦିବସ ରୂପେ ପାଳନ କରିବା ଲାଗି ୟୁନେସ୍କୋ ପକ୍ଷରୁ ଘୋଷଣା କରାଯାଇଥିଲା । ଚଳିତବର୍ଷ **ଶିକ୍ଷକଙ୍କ ସହିତ ସହଯୋଗ:୬୦ବର୍ଷର ବୃତ୍ତିଗତ ଜୀବନର ସୁରକ୍ଷା– ଆମ ଭବିଷ୍ୟତ ଗଠନ** ଏହି ଦିବସର ବାର୍ତ୍ତା ରହିଛି ।

Khordha

## ବାର୍ଷିକ ମହୋତ୍ସବ

ଖୋର୍ଦ୍ଧାସ୍ଥିତ ବକ୍ସି ଜଗବନ୍ଧୁ ଉଚ୍ଚବିଦ୍ୟାଳୟର ୧୨୫ତମ ବାର୍ଷିକ ମହୋତ୍ସବ ପାଳିତ ହୋଇଯାଇଛି। ସମାରୋହରେ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ଯୋଗଦେଇ କହିଥିଲେ, ଏହି ବିଦ୍ୟାଳୟ ଖୋର୍ଦ୍ଧାର

ସ୍ୱାଭିମାନର ପ୍ରତୀକ। ବିଦ୍ୟାଳୟର ବିକାଶ ପାଇଁ ସରକାର ସମସ୍ତ ପ୍ରକାର ସହଯୋଗ ଯୋଗାଇଦେବେ। ଏହି ଅବସରରେ ବିଦ୍ୟାଳୟର ପୂର୍ବତନ ଶିକ୍ଷକ ଓ ପୁରାତନ ଛାତ୍ରଛାତ୍ରୀମାନଙ୍କୁ ସମ୍ମାନିତ କରାଯାଇଥିଲା।

Bhadrak

## ଜାତୀୟ ସେବା ଯୋଜନା

ଭଦ୍ରକ ଜିଲ୍ଲା ଧାମନଗର ବ୍ଲକ ବାବାମଣି ମହାବିଦ୍ୟାଳୟରେ ଜାତୀୟ ସେବା ଯୋଜନା ପକ୍ଷରୁ ନିଶାମୁକ୍ତ ଭାରତ ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସୁସ୍ଥ ସମାଜ ଗଠନ ଦିଗରେ ଯୁବପିଢ଼ିଙ୍କ ଭୂମିକା ଉପରେ ଆଲୋଚନା କରାଯାଇଥିଲା। ଯୁବ ସମାଜକୁ ନିଶାସେବନରୁ ଦୂରରେ ରହି ବିକଶିତ ଭାରତ ଗଠନ ପାଇଁ ସଂକଳ୍ପ ନେବାକୁ କାର୍ଯ୍ୟକ୍ରମରେ ଆହ୍ୱାନ କରାଯାଇଥିଲା। ଏହି ଅବସରରେ ଛାତ୍ରଛାତ୍ରୀଙ୍କ ପକ୍ଷରୁ ନିଶାମୁକ ଭାରତ ଅଭିଯାନ ସଚେତନତା ପଦଯାତ୍ରା ନଗର ପରିକ୍ରମା କରିଥିଲା।

Nabarangpur

## ପୋଷଣ ମାସ

ପୋଷଣ ମାସ-୨୦୨୬ ଅବସରରେ ଶିଶୁଙ୍କ ସୁସ୍ଥ ବିକାଶ, ପୁଷ୍ଟିକର ଖାଦ୍ୟ ଏବଂ ମାତୃ ଶିଶୁ ସ୍ୱାସ୍ଥ୍ୟ ସମ୍ପର୍କରେ ବିଭିନ୍ନ ସଚେତନତା ମୂଳକ ପ୍ରତିଯୋଗିତା ଜିଲ୍ଲା ସମାଜ ମଙ୍ଗଳ ବିଭାଗ ଆନୁକୂଲ୍ୟରେ ଅନୁଷ୍ଠିତ ହୋଇଯାଇଛି। ଜେଇ.ଏଲ୍.ସି. ବିଦ୍ୟାଳୟ ଓ ନବରଙ୍ଗପୁର

ମହାବିଦ୍ୟାଳୟଠାରେ ଅନୁଷ୍ଠିତ ପ୍ରତିଯୋଗିତାରେ ବହୁ ସଂଖ୍ୟାରେ ଶିଶୁ ଓ ଅଭିଭାବକ ଯୋଗ ଦେଇଥିଲେ।

Bhadrak

## ଭିବି-ଜିରାମଜି

ଭି.ବି.– ଜି.ରାମ.ଜି. ଯୋଜନାରେ ଭଦ୍ରକ ଜିଲ୍ଲା ତିହିଡ଼ି ବ୍ଲକ ଦୋଳ ସାହି ପଞ୍ଚାୟତ ଝାଡ଼ିଆଡିଆଠାରେ ନଡ଼ିଆ ଚାରାରୋପଣ ପ୍ରକଳ୍ପ ଆରମ୍ଭ ହୋଇଛି। ଗ୍ରାମର ଚାଷୀଙ୍କ  ଆୟ ବୃଦ୍ଧି ପାଇଁ ଏହି ପ୍ରକଳ୍ପ ସହାୟକ ହେବ ବୋଲି ଚାରାରୋପଣ କାର୍ଯ୍ୟରେ ଯୋଗଦେଇ ପ୍ରଶାସନିକ ଅଧିକାରୀମାନେ କହିଥିଲେ।